16-L-2nd

# କୃଷକମାନଙ୍କ ପାଇଁ ବିଶେଷ ସୂଚନା

## ସିଧାସଳଖ ବିହନ ରିହାତି ପ୍ରଦାନ ବ୍ୟବସ୍ଥା (DBT)ରେ ଚାଷୀଭାଇମାନଙ୍କ ନାମ ପଞ୍ଜୀକରଣ

» ଚଳିତ ୨୦୧୬ ଖରିଫ୍ ଋତୁରୁ ବିହନ ବିକ୍ରି ସମୟରେ ଦିଆଯିବାକୁ ଥିବା ସବସିଡ଼ି ଅର୍ଥ ରାଶିକୁ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା କରିବା ପାଇଁ କୃଷକ ପଞ୍ଜୀକରଣ ପ୍ରକ୍ରିୟା ତା ୨୯.୦୨.୨୦୧୬ ରିଖରୁ ଆରମ୍ଭ ହୋଇ ତା ୨୫.୦୪.୨୦୧୬ ରିଖରେ ଶେଷ ହୋଇଛି ।

» ଯେଉଁ ଚାଷୀଭାଇମାନେ ବିହନ କିଣିବାକୁ ଇଚ୍ଛୁକ ଅଛନ୍ତି କିନ୍ତୁ ତା ୨୫.୦୪.୨୦୧୬ ରିଖ ମଧ୍ୟରେ ନିଜର ନାମକୁ ପଞ୍ଜୀକରଣ କରାଇ ପାରିନାହାନ୍ତି, ସେମାନେ ମୋବାଇଲ ମାଧ୍ୟମରେ ନିଜର ନାମକୁ ତା ୨୬.୦୪.୨୦୧୬ ରିଖ ଠାରୁ ପଞ୍ଜୀକରଣ କରି ପାରିବେ ।

» ଏଥିପାଇଁ ପ୍ରଥମେ ମୋବାଇଲରେ ଗୁଗଲ୍ ପ୍ଲେ ଷ୍ଟୋରରୁ (Farmer Registration-DAFP) (Mobile Apps)କୁ ଡାଉନ୍‌ଲୋଡ୍ କରିବାକୁ ହେବ ।

» ପଞ୍ଜୀକରଣ ପାଇଁ ଆବଶ୍ୟକ ହେଉଥିବା ଫର୍ମକୁ କୃଷି ବିଭାଗରୁ ପାଇପାରିବେ ଓ ଫର୍ମଟିକୁ ଇଂରାଜୀରେ ପୂରଣ କରି ଏଥିରେ ଥିବା ତଥ୍ୟକୁ ମୋବାଇଲ ଆପସ୍‌ରେ ପୂରଣ କରନ୍ତୁ ।

» ଏହା ପରେ ପୂରଣ କରିଥିବା ଫର୍ମଟିକୁ ନିଜର ଭୋଟର ପରିଚୟ ପତ୍ର, ବ୍ୟାଙ୍କ ପାସ୍ ବହିର ପ୍ରଥମ ପୃଷ୍ଠାର ଅବିକଳ ନକଲ ସହିତ ନିଜେ କିମ୍ବା ନିକଟସ୍ଥ ଗ୍ରାମ କୃଷି କର୍ମଚାରୀ କିମ୍ବା ସରକାରଙ୍କ ପ୍ରାଧିକୃତ ବିହନ ବିକ୍ରେତାଙ୍କ ମାଧ୍ୟମରେ ସହକାରୀ କୃଷି ଅଧିକାରୀଙ୍କ ଠାରେ ଜମା କରନ୍ତୁ ।

» ମୋବାଇଲ ଆପସ୍ ମାଧ୍ୟମରେ ଚାଷୀ ନିକଟସ୍ଥ ଗ୍ରାମ କୃଷି କର୍ମଚାରୀ ବା ସରକାରଙ୍କ ପ୍ରାଧିକୃତ ବିହନ ବିକ୍ରେତାଙ୍କ ସାହାଯ୍ୟ ନେଇ ମଧ୍ୟ ପଞ୍ଜୀକରଣ କରିପାରିବେ ।

» ଯେଉଁ ଚାଷୀ ଭାଇମାନେ ଆଗରୁ PACS/LAMPS ଜରିଆରେ ତା ୨୫.୦୪.୨୦୧୬ ରିଖ ମଧ୍ୟରେ ନିଜର ନାମକୁ ପଞ୍ଜୀକରଣ କରାଇନେଇଛନ୍ତି, ସେମାନେ ମୋବାଇଲ ଆପସ୍ ମାଧ୍ୟମରେ ପୁନର୍ବାର ପଞ୍ଜୀକରଣ କରାଇବାର ଆବଶ୍ୟକତା ନାହିଁ ।

» ଅଧିକ ତଥ୍ୟ ଜାଣିବା ପାଇଁ ନିକଟସ୍ଥ ଗ୍ରାମ କୃଷି କର୍ମଚାରୀ, ସହକାରୀ କୃଷି ଅଧିକାରୀ କିମ୍ବା ଜିଲ୍ଲା ଉପ କୃଷି ନିର୍ଦ୍ଦେଶକଙ୍କ ସହାୟତା ନେଇପାରିବେ । ଏତଦ୍‌ବ୍ୟତୀତ ବେୟମୁକ୍ତ ସଂଯୋଗ ହେଲ୍ପଲାଇନ୍ ନମ୍ବର-୧୫୫୩୩୫ କିମ୍ବା ୧୮୦୦୩୪୫୬୭୭୦ରେ ମଧ୍ୟ ଯୋଗାଯୋଗ କରିପାରିବେ ।

» ଏହି ବ୍ୟବସ୍ଥାରେ ହିତାଧିକାରୀଙ୍କ ପାଖରେ ସଠିକ୍ ରିହାତି ଅର୍ଥ ଖୁବ୍ ଶୀଘ୍ର ପହଞ୍ଚିବାର ସୁଯୋଗ ଥିବାରୁ ଚାଷୀଭାଇମାନେ ଏହାର ଉପଯୋଗ କରିବା ପାଇଁ ଅନୁରୋଧ ।

01034/11/0007/1617 **କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**